text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# ଅନ୍ତରୀକ୍ଷର ଆଖି

ଗତ ଫେବ୍ରୁଆରୀ ମାସର ଘଟଣା । ଯୁକ୍ତରାଷ୍ଟ୍ରର ସ୍ଥାପିତ ଲେଜର୍ ଇଣ୍ଟର ଫେରୋମିଟର ଗ୍ରାଭିଟେସନାଲ ୱେଭ ଅବଜରଭେଟରିକୁ (ଲିଗୋ) ମିଳିଥିବା ସଂକେତର ଅନୁଶୀଳନ ସ୍ପଷ୍ଟ କରିଛି ଯେ ଅନ୍ତରୀକ୍ଷ ସମୟ (ସ୍ପେସ ଟାଇମ) ଆମ ଅବଧାରଣାର ଊର୍ଦ୍ଧ୍ୱରେ ଏକ ତରଙ୍ଗାୟିତ ମହାଜାଗତିକ ସ୍ଥିତି । ପାଖାପାଖି ୧୦୦ ବର୍ଷ ପୂର୍ବେ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ବିଜ୍ଞାନସିଦ୍ଧ ମତ ତତ୍କାଳୀନ ପୃଥିବୀରେ ବୈପ୍ଳବିକ ଥିଲା, ଯେତେବେଳେ ସେ କହିଥିଲେ ଯେ ବ୍ରହ୍ମାଣ୍ଡ ଆମେ ଭାବୁଥିବା ନିସ୍ତରଙ୍ଗ ବିଶାଳ ମହାସାଗର ପରି ଆଦୌ ସ୍ଥିର ନୁହେଁ । ବରଂ ମହାକାଶରେ ବସ୍ତୁ ଓ ଶକ୍ତି ଏମାନଙ୍କ ସନ୍ତୁଳନ ବଦଳେଇବା ପାଇଁ ବେଶ ସମର୍ଥ । ନିଦରେ କମ୍ବଳ ଘୋଡ଼େଇ ହୋଇ ଶୋଇଥିବା ମଣିଷଟିଏ ଯେମିତି କମ୍ବଳକୁ ଶେଷରେ ଲୋଚାକୋଚା କରିଦିଏ, ଠିକ ସେମିତି ବସ୍ତୁ ଓ ଶକ୍ତି ଅନ୍ତରୀକ୍ଷରେ ଶାନ୍ତ ଅବସ୍ଥାକୁ ପ୍ରତିହତ କରନ୍ତି, ଯାହାକୁ ମାଧ୍ୟାକର୍ଷଣୀୟ ତରଙ୍ଗ କୁହାଯାଇପାରେ ।

ପାଠକେ, ପ୍ରାୟ ୧୩.୮ ବିଲିୟନ ବର୍ଷ ଆଗରୁ 'ବିଗ ବ୍ୟାଙ୍ଗରୁ ସମ୍ଭବ ହୋଇଥିବା ବ୍ରହ୍ମାଣ୍ଡ ଏବେ ବି ଆମ ପାଇଁ ବିସ୍ମୟ ହୋଇ ରହିଛି । ଆକାଶକୁ ଚାହିଁ ସୂର୍ଯ୍ୟଙ୍କ ବନ୍ଦନା କରିବା, ଶୀତଳ ଜହ୍ନର କିରଣରେ ଭାବୁକ ହୋଇ କବିତା ଲେଖିବା ଆଉ ବ୍ରହ୍ମାଣ୍ଡର ରହସ୍ୟକୁ ଭେଦିବା ସମାନ କଥା ନୁହେଁ । ୨୦୦ ବର୍ଷ ଧରି ପ୍ରଲମ୍ବିତ ବ୍ରହ୍ମାଣ୍ଡର ଅଧ୍ୟୟନ ଜ୍ୟୋତିର୍ବିଜ୍ଞାନୀମାନଙ୍କ ପ୍ରକାଶ୍ୟ ଆଲୋକ, ଇନଫ୍ରାରେଡ, ଅଲଟ୍ରାଭାଓଲେଟ, ରେଡିଓ ତରଙ୍ଗ, ଏକ୍ସ-ରେ ଏବଂ ଗାମା-ରେ ବିଶ୍ଳେଷଣରେ ଶେଷ ହୋଇନଥିଲା । ବିଜ୍ଞାନୀମାନେ ଅନୁସନ୍ଧିତ୍ସୁ ଥିଲେ ନକ୍ଷତ୍ରମାନଙ୍କର ନିର୍ମାଣ ତତ୍ତ୍ୱ ଓ କାର୍ଯ୍ୟଶୈଳୀ ବାବଦରେ ଅଧିକ ଜାଣିବା ପାଇଁ; ଛାୟାପଥମାନଙ୍କର ବିବର୍ତ୍ତନ ସଂକ୍ରାନ୍ତରେ ବିଶଦ ଜ୍ଞାନ ପାଇଁ; ମାଧ୍ୟାକର୍ଷଣୀୟ ତରଙ୍ଗକୁ ଆବିଷ୍କାର କରିବା ପାଇଁ ।

ଶେଷୋକ୍ତ ଆବିଷ୍କାରକୁ ନେଇ ଅନ୍ତତଃ ଅର୍ଦ୍ଧଶତାବ୍ଦୀ ଧରି ଅଣନିଃଶ୍ୱାସୀ କରିପକାଉଥିବା ନୈରାଶ୍ୟର ଆପାତତଃ ଅନ୍ତ ଘଟିଛି । ମହାକାଶରେ ୧.୨ ବିଲିୟନ ଆଲୋକବର୍ଷ ଦୂରରେ ସଂଘାତ ଘଟିଥିବା ଦୁଇଟି ବ୍ଲାକ ହୋଲର ସଂକ୍ଷିପ୍ତ ଇତିହାସ ଏବେ ଆମ ଆଗକୁ ଆସିଛି । (ଗୋଟିଏ ବ୍ଲାକହୋଲ ସୂର୍ଯ୍ୟଙ୍କ ବସ୍ତୁତ୍ୱର ୩୫ ଗୁଣ ଏବଂ ଅନ୍ୟଟି ପ୍ରାୟ ସୂର୍ଯ୍ୟଙ୍କ ବସ୍ତୁତ୍ୱର ୨୯ଗୁଣ) । ଦୁଇଟି ବ୍ଲାକହୋଲର ସଂଘାତ ଶବ୍ଦ ବି ରେକର୍ଡ ହୋଇପାରିଛି, ଯାହା ସମ୍ଭବ ହୋଇଛି ମାଧ୍ୟାକର୍ଷଣୀୟ ତରଙ୍ଗର ଉପସ୍ଥିତି ଯୋଗୁ ।

'ଲିଗୋ'ର ବୈଜ୍ଞାନିକମାନେ ଜଣାଇଛନ୍ତି ଯେ ଏଇ ସଂଘାତ ପ୍ରଥମେ ଭୀଷଣ ଝଡ଼ ସୃଷ୍ଟି କରିଥିଲା, ଯେଉଁ କାରଣରୁ ଅନ୍ତରୀକ୍ଷରେ ସମୟର ଗତି ପହିଲେ କ୍ଷୀପ୍ର ହେବା ପରେ ପୁଣି ହ୍ରାସ ପାଇଥିଲା ଏବଂ ପରବର୍ତ୍ତୀ ପର୍ଯ୍ୟାୟରେ ପୁନଃ କ୍ଷୀପ୍ର ହୋଇଥିଲା । ଅର୍ଥାତ୍, ମହାଜାଗତିକ କ୍ଷେତ୍ରରେ ଖୋଦ୍ ସମୟ ମଧ୍ୟ ପ୍ରଭାବିତ (ଏହାର ଗତି ପରିବର୍ତ୍ତନୀୟ) ଏକଥା ବୁଝିହେଲା । ସ୍ପଷ୍ଟ କରୁଛି ଯେ, ଫେବ୍ରୁଆରୀରେ 'ଲିଗୋ' ପକ୍ଷରୁ ହୋଇଥିବା ମାଧ୍ୟାକର୍ଷଣୀୟ ତରଙ୍ଗର ଉପସ୍ଥିତି ପ୍ରକୃତରେ ଜଣାପଡ଼ିଥିଲା ସେପ୍ଟେମ୍ବର ୧୪, ୨୦୧୫ରେ ଯେତେବେଳେ ଆଧୁନିକୀକରଣ ଉପରାନ୍ତ 'ଲିଗୋ'ର 'ଏଲ୍' ଆକୃତିର ଆଣ୍ଟେନା ଭୋର୍ ୪ଟାରେ ଠାବ କରିଥିଲା ମାଧ୍ୟାକର୍ଷଣୀୟ ତରଙ୍ଗକୁ- ଲିଭିଂଷ୍ଟୋନରେ । ଏହାର ସାତ ମିଲିସେକେଣ୍ଡ ପରେ ହାନଫୋର୍ଡରେ ସ୍ଥାପିତ 'ଲିଗୋ' ୨ ୟୁନିଟ ରେକର୍ଡ କରିଥିଲା ଏହି ତରଙ୍ଗକୁ । ଅନ୍ୟ ଅର୍ଥରେ, ପୃଥିବୀ ଶୋଇଥିବା ବେଳେ ହିଁ ଇତିହାସ ସୃଷ୍ଟି ହୋଇଥିଲା । ତେବେ 'ଲିଗୋ'ର ତଥ୍ୟ ଅନୁଶୀଳନ ପାଇଁ ୬ ମାସ ସମୟ ଲାଗିଥିଲା । ବୈଜ୍ଞାନିକମାନେ ଜାଣିପାରିଥିଲେ ଯେ ସଂଘାତର ଠିକ ଆଗରୁ ଉଭୟ ବ୍ଲାକ୍ ହୋଲ ଅକଳ୍ପନୀୟ ଫୁର୍ତ୍ତିରେ ପରସ୍ପରକୁ ପ୍ରଦକ୍ଷିଣ କରୁଥିଲେ- ସେକେଣ୍ଡ ପିଛା ୨୫୦ ଥର । ଆଉ ସେଇ ପ୍ରଚଣ୍ଡ ଗତିରେ ସମୟ କ୍ରମଶଃ ଆପଣାର ଅସ୍ତିତ୍ୱ ବଦଳାଉଥିଲା । ଆକଳନ ମୁତାବକ, ପୃଥିବୀ ସମୟର ଏକ ସେକେଣ୍ଡର ଏକ-ପଞ୍ଚମାଂଶ ଭିତରେ ସଂଘାତ ଉପରାନ୍ତ ଦୁଇଟି ବ୍ଲାକ ହୋଲ୍ ପରିବର୍ତ୍ତିତ ହୋଇଥିଲେ ଗୋଟିଏ ସତ୍ତାରେ । ପରିଣତି ହେଲା ମହାକାଶରେ ବେଶ କିଛିକୁ ନିମିଷକେ ଢ଼ୋକି ଦେବା ପରି ଏକ ମହାସତ୍ତା, ଯାହା ୬୨ଟି ସୂର୍ଯ୍ୟର ବସ୍ତୁତ୍ୱ ସହିତ ତୁଳନୀୟ । ଆକଳନ ଅନୁଯାୟୀ, ଏଇ ମହାଜାଗତିକ ପ୍ରକ୍ରିୟା ପାଇଁ ଉତ୍ପନ୍ନ ଶକ୍ତିକୁ ପ୍ରକାଶ୍ୟ ଆଲୋକ ସହିତ ତୁଳନା କଲେ ତାହା କେଇ ଶହ କୋଟି ସୂର୍ଯ୍ୟଙ୍କ ଉଜ୍ଜ୍ୱଳତାଠାରୁ ଅଧିକ ହେବ । ଅଥଚ, ମୁହୂର୍ତ୍ତର ଭଗ୍ନାଂଶରେ ଯାହା ସମ୍ଭବ ହେଲା, ମହାକାଶର ସେଇ ହସ୍ତାକ୍ଷରକୁ (ମାଧ୍ୟାକର୍ଷଣୀୟ ତରଙ୍ଗ)

ଚିହ୍ନିବା ପାଇଁ ଆମେ ଅନ୍ତତଃ ଏବେ ସମର୍ଥ ହୋଇପାରିଛୁ । 'ଟାଇମ୍ ମେସିନ'ର 'ଟାଇମ୍ ଟ୍ରାଭେଲର' ପରି ସମୟରେ ପଛକୁ ଫେରିବା/ଆଗକୁ ଯିବା, ଆମ ପାଇଁ ଯଦିଓ ଅଦୂର ଭବିଷ୍ୟତର ପ୍ରକଳ୍ପ ନୁହେଁ, ତେବେ ସମୟର ଚରିତ୍ର ଏବଂ ଇତିହାସକୁ ଜାଣିବା ଆମ ପାଇଁ ସହଜ ହେବ ଏଇ ଆବିଷ୍କାର ଯୋଗୁଁ ।

ପାଠକେ, 'ଲିଗୋ' ଆବିଷ୍କାର ପରିପ୍ରେକ୍ଷୀରେ ଆପଣଙ୍କୁ ମୁଁ ନେଉଛି ଷ୍ଟିଫେନ ହକିଂଙ୍କ ଏକ ପ୍ରସିଦ୍ଧ ବକ୍ତୃତାକୁ । ହକିଂ ୧୯୯୯ରେ କହିଥିଲେ ଯେ, ସମୟ ଓ ଅନ୍ତରୀକ୍ଷ ଅଖଣ୍ଡ ନୁହେଁ, ଏମାନଙ୍କ ଗତି/ଆକୃତି ସ୍ଥିରୀକୃତ / ଅପରିବର୍ତ୍ତିତ ନୁହେଁ । ଏଠି ମଧ୍ୟ ପ୍ରାକୃତିକ ଭାବରେ ଅସଙ୍ଗତି/ବିଶୃଙ୍ଖଳା ବିଦ୍ୟମାନ, ଯାହାକୁ ନେଇ ଆମର ଧାରଣା ଅପେକ୍ଷାକୃତ ନୂଆ । ଅନ୍ୟ ଅର୍ଥରେ, ଅନ୍ତରୀକ୍ଷ ସମୟର ଗତି ସଦା ସରଳରୈଖିକ/ଚଟକା ନୁହେଁ-ଖାଲ ଢ଼ିପ/ତୀର୍ଯ୍ୟକ/ବକ୍ର/ତରଙ୍ଗାୟିତ ଗତି ଏଠି ବି ବେଶ୍ ସମ୍ଭବ । ସେ ଏକଥା ମଧ୍ୟ କହିଥିଲେ, ବିଜ୍ଞାନ ଆଧାରିତ କାହାଣୀମାନଙ୍କରେ ଆଲୋକର ଗତି ପରି ଗତି କରି ଆମେ ନକ୍ଷତ୍ରରୁ ନକ୍ଷତ୍ରକୁ, ଛାୟାପଥରୁ ଛାୟାପଥକୁ ଯାତ୍ରା କରୁଛୁ ଏବଂ ବିଜ୍ଞାନ ଯଦିଓ ଆମର କଳ୍ପନା ସହିତ ତାଳ ଦେଇପାରିନାହିଁ, ତଥାପି ଗତକାଲି ଯାହା ନିରୋଳା କଳ୍ପନା ଥିଲା, ଆଜି ତାହା ବାସ୍ତବିକତାର ସ୍ପର୍ଶ ପାଇଛି । ୧୯୧୫ରେ ଆଇନଷ୍ଟାଇନ୍‌ଙ୍କ ଆପେକ୍ଷିକତା ତତ୍ତ୍ୱ ଏକ ବିପ୍ଳବ ଥିଲା । ଆଇନଷ୍ଟାଇନ୍ ବୁଝି ସାରିଥିଲେ, ଅନ୍ତରୀକ୍ଷ ଏବଂ ସମୟ ପରସ୍ପର ସହିତ ନିବିଡ଼ ଭାବେ ସଂଯୁକ୍ତ । ଉଭୟଙ୍କୁ ୪ର୍ଥ ପ୍ରସ୍ଥ/ଅସ୍ତିତ୍ୱ ଭାବରେ ଚିହ୍ନିବା ହିଁ ବିଜ୍ଞତା । ଜଣେ ଏକ ନିର୍ଦ୍ଦିଷ୍ଟ ଘଟଣାକୁ ଯେମିତି ଦେଖୁଛି ଅନ୍ୟ ଜଣକ ପାଇଁ ସମାନ ଘଟଣାର ଅନୁଭୂତି ଅବିକଳ ହୋଇପାରିବ ନାହିଁ, କାରଣ ଉଭୟଙ୍କ ସ୍ଥିତି ଓ ଗତି ଭିନ୍ନ ହୋଇପାରେ । ପାଠକେ ! ଆଇନଷ୍ଟାଇନଙ୍କ ଅଧ୍ୟୟନ ସହ ଅନୁମାନକୁ ଡେଣା ଦେବା ପାଇଁ ୧୦୦ ବର୍ଷ ତଳେ ପ୍ରଚଣ୍ଡ ଶକ୍ତିମାନ ଓ ବେଗବାନ ରକେଟ୍ ହୁଏତ ନଥିଲା । ସେଥିପାଇଁ ସମୟରେ ପଛକୁ ବି ଫେରିହେବ, ଏକଥା ସେ ଚିନ୍ତା କରିପାରିନଥିଲେ । ତାଙ୍କର ଧାରଣା ଥିଲା ଯେ ତତ୍କାଳୀନ ଜ୍ଞାନକୌଶଳ ଆଧାରରେ ଗୋଟିଏ ନକ୍ଷତ୍ରରୁ ଆଉ ଗୋଟିଏ ନକ୍ଷତ୍ରରେ ପହଞ୍ଚିବା ପାଇଁ ଅନ୍ୟୂନ ୮ ବର୍ଷ ଲାଗିଯିବ ଏବଂ ମହାକାଶର କେନ୍ଦ୍ରରେ ପହଞ୍ଚିବା ପାଇଁ ସେଇ ହିସାବରେ ଲାଗିଯିବ ୮୦,୦୦୦ ବର୍ଷ । ଆଲୋକର ଗତିଠୁ ଆମ ଯାନର ଗତି ଅଧିକ ନ ହେଲେ ବିଜ୍ଞାନ ଗଳ୍ପ ସେମିତି ଗଳ୍ପ ହୋଇ ରହିଯିବ । ହକିଂଙ୍କ ମତ ଯେ, ଅତୀତକୁ ଯାତ୍ରା କରିବା ପାଇଁ ଆଶା ଆମେ ଅନ୍ତତଃ ବଞ୍ଚେଇ ରଖିବା, ଯଦିଓ ସୁଦୂର ଭବିଷ୍ୟତରେ ଉଭୟ ଅତୀତ / ଭବିଷ୍ୟ ଯାତ୍ରା ଏକ

ଅତ୍ୟନ୍ତ ସୀମିତ ବାସ୍ତବିକତା ହୋଇ ରହିବ । ପଦାର୍ଥ ବିଜ୍ଞାନର ନିଜସ୍ୱ ନିୟମ ଏହାକୁ ବୃହତ୍ତର ବାସ୍ତବିକତାରେ ପରିଣତ କରାଇ ହେବ ନାହିଁ - ଷଡ଼ଯନ୍ତ୍ର ରଚିବ । ଅର୍ଥାତ, ଅନ୍ତରୀକ୍ଷରେ ଅତୀତକୁ ସୁଡ଼ଙ୍ଗ ଖୋଜିବା କଦାପି ଏତେ ସହଜ ହେବ ନାହିଁ । କିନ୍ତୁ ଆମେ ନିରାଶ ହେବାର କାରଣ ନାହିଁ । ଅନ୍ତରୀକ୍ଷରେ ଅଜସ୍ର ସମ୍ଭାବନା । ଅୟୁତ ଆଖିର ଇସାରା ।

(ପ୍ରମେୟ, ତା ୭/୪/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍‌ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟ୍ସ୍'

**ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା**

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ
ପାହାଡ ତଳର ଏକ ଗାଁ, ବୋଆ ସିନିଅର୍‌ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ
ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଡେଣା

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-908070-1-2
978-81-908070-1-2

NONFICTION

ରଚନା
₹-୧୫୦